ଗ୍ରାମୀଣ କୃଷି ମୌସମ ସେବା

ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. - ମାଲକାନଗିରି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

*କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି,*

*ମୁଣ୍ଡାଗୁଡ଼ା, ପୋ.+ଜିଲ୍ଲା – ମାଲକାନଗିରି, ଓଡ଼ିଶା- ୭୬୪୦୪୫*

ସପ୍ତାହ କ୍ର.ସଂ.- ୪୧ | ପାଣିପାଗ ଜନିତ କୃଷି ଉପଦେଶ | ତାରିଖ – ୧୨.୧୦.୨୦୧୮

ଜିଲ୍ଲା- ମାଲକାନଗିରି (ସାଉଥ ଇଷ୍ଟର୍ନ ଘାଟ ଜୋନ)

| ଗତ ତିନି ଦିନର ପାଣିପାଗ ଅବସ୍ଥା | | | |
|---|---|---|---|
| ତାରିଖ | ୦୯.୧୦.୨୦୧୮ | ୧୦.୧୦.୨୦୧୮ | ୧୧.୧୦.୨୦୧୮ |
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୩.୭ | ୩୨.୦ | ୨୯.୮ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୨.୪ | ୨୧.୦ | ୨୦.୮ |

ଆସନ୍ତା ପାଞ୍ଚ ଦିନର (୧୩.୧୦.୨୦୧୮ ଠାରୁ ୧୭.୧୦.୨୦୧୮) ପାଣିପାଗର ପୂର୍ବାନୁମାନ

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ବର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସ୍ୱଳ୍ପ ରୁ ମଧ୍ୟମ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତ ମେଘୁଆ ରୁ ସମ୍ପୂର୍ଣ ମେଘୁଆ ରହିବାର ସମ୍ଭାବନା ଅଛି। ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଦିନର ସର୍ବାଧିକ ତାପମାତ୍ରା ୨୯ ରୁ ୩୧ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୫ ରୁ ୨୭ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୯୫ ରୁ ୯୬ ଭାଗ ଏବଂ ୬୧ ରୁ ୬୯ ଭାଗ ରହିବାର ସମ୍ଭାବନା ଅଛି ।

| ତାରିଖ | ୧୩.୧୦.୨୦୧୮ | ୧୪.୧୦.୨୦୧୮ | ୧୫.୧୦.୨୦୧୮ | ୧୬.୧୦.୨୦୧୮ | ୧୭.୧୦.୨୦୧୮ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୫ | ୧୦ | ୫ | ୬ | ୫ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୨୯ | ୨୯ | ୩୦ | ୩୧ | ୩୧ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୫ | ୨୫ | ୨୬ | ୨୭ | ୨୭ |
| ମେଘାଛନ୍ନ | ୭ | ୫ | ୮ | ୮ | ୭ |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ୯୫ | ୯୫ | ୯୫ | ୯୬ | ୯୫ |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ୬୩ | ୬୧ | ୬୯ | ୬୭ | ୬୭ |
| ପବନର ବେଗ (କି.ମି./ଘଣ୍ଟା) | ୩ | ୨ | ୨ | ୨ | ୨ |
| ପବନର ଦିଗ (ଡିଗ୍ରୀ) | ୬୫ | ୧୧୧ | ୯୧ | ୭୭ | ୧୭୮ |

## କୃଷି ଉପଦେଶ

- ଫସଲ ସୁରକ୍ଷା ପାଇଁ ସିଞ୍ଚନ କାମ ପରିଷ୍କାର ପାଗ ଦେଖିକି କରନ୍ତୁ । ବର୍ଷା ଦିନରେ ସିଞ୍ଚନ କରନ୍ତୁ ନାହିଁ ।

ଖରିଫ ଧାନ:

- ବିଳମ୍ବିତ ରୁଆ ଧାନ ୪୦ ରୁ ୪୫ ଦିନର ହୋଇଗଲେ ଅଧିକ ଅମଳକ୍ଷମ ଧାନ ପାଇଁ ଏକର ପିଛା ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ ।
- ଧାନ ଜମିରେ କାଣ୍ଡବିନ୍ଧା ପୋକ ଦେଖାଗଲେ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୬୦ ମି.ଲି. ରାଇନାକ୍ସିପ୍ୟର ୨୦% SC ଅଥବା ୩୦୦ ଗ୍ରାମ୍ ଏସିଫେଟ୍ ୭୫% SP ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ବର୍ତମାନ ପାଗରେ ଧାନ ଫସଲରେ ମହିଷା ରୋଗର ପ୍ରାଦୁର୍ଭାବ ଦେଖାଯାଏ, ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରବିନ୍ ୨୫% ଅଥବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ ୫୦% WP ସିଞ୍ଚନ କରନ୍ତୁ ।

ପନିପରିବା ଫସଲ:

- ମୂଳା, ବନ୍ଧା କୋବି, ଫୁଲ କୋବି, ଟମାଟୋ ଆଦି ପନିପରିବା ଫସଲ ଆଗରୁ ଲଗାନ୍ତୁ । ବନ୍ଧା କୋବି, ଫୁଲ କୋବି ଏବଂ ଟମାଟୋ ପାଇଁ ତଳି ପକାନ୍ତୁ । ତଳିକୁ ବର୍ଷାରୁ ରକ୍ଷା କରିବା ପାଇଁ ତଳିଘରା ଉପରେ ପଲିଥିନ୍ କଭର କରି ରଖନ୍ତୁ ।
- ପନିପରିବା ଲଗାଇବା ପାଇଁ ମୁଖ୍ୟ ଜମିର ପ୍ରସ୍ତୁତି ଆରମ୍ଭ କରନ୍ତୁ, ବାଇଗଣ ପାଇଁ ଏକର ପିଛା ୫ ଟନ; ଟମାଟୋ, ବନ୍ଧା କୋବି ଓ ଫୁଲ କୋବି ପାଇଁ ୧୦ ଟନ ଗୋବର ଖତ ଅଥବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ଉଈ ପୋକର ସମ୍ଭାବନା ଥାଏ ସେହିଠାରେ କ୍ଲୋରପାଇରିଫସ **୨୦% EC** ପ୍ରତି ଲିଟର ପାଣିରେ ୪ ମି.ଲି. ଶେଷଥର ଚାଷ କଲାବେଳେ ମାଟି ଉପରେ ସିଞ୍ଚନ କରନ୍ତୁ ।

ତୈଳବୀଜ ଜାତୀୟ ଫସଲ:

- ରାଶି ଜମିରେ ଲିଫ ଉଇବାର ପୋକ ଦେଖାଦେବାର ସମ୍ଭାବନା ଥାଏ । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. କୁଇନାଲଫୋସ **୨୫% EC** ସିଞ୍ଚନ କରନ୍ତୁ ।
- ଚିନାବାଦାମ ବୁଣିବାର ୩ ରୁ ୪ ସପ୍ତାହ ହୋଇଗେଲେ ଜମିର ଘାସ ବାଛି ଦିଅନ୍ତୁ ଏବଂ ଏକର ପିଛା ୧୦୦ କି.ଗ୍ରା. ଜିପସମ ଜମିରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ ।
- ବର୍ତ୍ତମାନ ବାଦାମ ଫସଲରେ ସମ୍ବାଲୁଆ ପୋକ ଦେଖାଦେଇପାରେ, ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇକ୍ଲୋରଭସ୍ **୭୬% EC** ସିଞ୍ଚନ କରନ୍ତୁ ।
- ବାଦାମ ଫସଲରେ ସଢ଼ା ରୋଗ ଦେଖାଗଲେ, ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ **୫୦% WP** ଗଛର ତଳ ଅଂଶରେ ସିଞ୍ଚନ କରନ୍ତୁ ।

**ବିଶେଷ ଦ୍ରଷ୍ଟବ୍ୟ:** ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସରର ସହିତ ସମ୍ପର୍କ କରନ୍ତୁ।

---

ନୋଡାଲ ଅଫିସର

ଜି.କେ.ଏମ.ଏସ. ମାଲକାନଗିରି